This Question Paper consists of 25 questions and 7 printed pages.

ଏହି ପ୍ରଶ୍ନପତ୍ରରେ ମୋଟ **25** ଟି ପ୍ରଶ୍ନ ଅଛି ଏବଂ **7** ମୁଦ୍ରିତ ପୃଷ୍ଠା ଅଛି ।

**Roll No.**
ରୋଲ୍ ନମ୍ବର

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No. 62/S/N/OR**
କୋଡ୍ ନମ୍ବର

**SET No. - A**

# ODIA
# (ଓଡ଼ିଆ)
# (233)

**Day and Date of Examination**
ପରୀକ୍ଷାର ଦିନାଙ୍କ ଓ ତାରିଖ ____________________

**Signature of Invigilators**
ନିରୀକ୍ଷକଙ୍କ ସ୍ୱାକ୍ଷର **1.** ____________________

**2.** ____________________

## ସାଧାରଣ ନିର୍ଦ୍ଦେଶାବଳୀ :

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କିନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ୍ ନମ୍ବର **62/S/N/OR-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।



UNNATI EDUCATIONS
9899436384, 9654279279

# ODIA

## (ଓଡ଼ିଆ)

## (233)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

**ନୋଟ୍ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ୍) ସୂଚିତ ହେଇଛି ।

---

**1** ବିପରୀତାର୍ଥ ବୋଧକ ଶବ୍ଦ ଲେଖ : (4 ଟିର) **2**

ସରଳ, ଜୁଆର, ଆଦ୍ୟ, ଇହ, ଜ୍ୟେଷ୍ଠ

**2** ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : **2**

ତରଣି-ତରଣୀ, ପୁତ-ପୂତ

**3** ରୂଢ଼ିମାନଙ୍କର ଅର୍ଥ ଲେଖ : (3 ଟିର) **3**

ଉଷୁନା ଧାନରୁ ଗଜା, କୁହୁଡିରେ ପହଁରିବା, ଘରବୁଡି ପାଣି ଆଣ୍ଠୁଏ, ଛେନାରୁ ଚୋପା ଛଡାଇବା

**4** ଏକ ପଦରେ ପ୍ରକାଶ କର- **1**

ଜନ୍ମରୁ ଅନ୍ଧ, କାନରେ କୁହେ ଯେ

**5** ପରୋକ୍ଷୋକ୍ତିରେ ପରିଣତ କର : **1**

ରାମଚନ୍ଦ୍ର କହିଲେ - "ପିତୃବାକ୍ୟ ପାଳନରେ ମୁଁ ତିଳେ ହେଲେ କୁଣ୍ଠିତ ନୁହେଁ" ।



UNNATI EDUCATIONS
9899436384, 9654279279

6 ସନ୍ଧି ବିଚ୍ଛେଦ କର : (2 ଟିର) 3

ନବୋଦୟ, ସପ୍ତର୍ଷି, ପୀତାମ୍ବର, ଯତୀନ୍ଦ୍ର

7 ନିମ୍ନଲିଖିତ ବାକ୍ୟ ଗୁଡ଼ିକ ମଧ୍ୟରୁ କେଉଁଟି ସରଳ ବାକ୍ୟ, ଜଟିଳ ବାକ୍ୟ ଓ ଯୌଗିକ ବାକ୍ୟ ଚିହ୍ନାଇ ଦିଅ : 3

(କ) ସନ୍ତୋଷ ଦଶମ ଶ୍ରେଣୀରେ ପଢୁଅଛି ।

(ଖ) ତୁମେ ଯାହାକହୁଛ, ତାହା ସତ୍ୟ ନୁହେଁ ।

(ଗ) ତାଙ୍କର ବିଶେଷ ଶିକ୍ଷାଗତ ଯୋଗ୍ୟତା ନାହିଁ, କିନ୍ତୁ ସେ ବୁଦ୍ଧିମାନ୍ ।

8 ନିମ୍ନଲିଖିତ ପ୍ରତ୍ୟୟ ଗୁଡ଼ିକ ମଧ୍ୟରୁ ଯେକୌଣସି 3 ଟି ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର : 3

ଇଆ, ଈୟ, ଉରା, ରା, ତମ

9 ଠିକ୍ ଉତ୍ତର ବାଛି ତା' ପାଖରେ ✓ ଚିହ୍ନ ଦିଅ : 1

'ଦୁନିଆଁ କହେ ଚାଖଣ୍ଡେ ଥାନ' କାହାକୁ ଲକ୍ଷ୍ୟକରି କହିଛନ୍ତି ?

(କ) ନିଜଦେହକୁ

(ଖ) ନିଜ ଘରକୁ

(ଗ) ନିଜର ଗାଁକୁ

(ଘ) ନିଜର ଦେଶକୁ

10 ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର : 1

ତା ଗାଇଗୋଠ ମୁରଲୀ ________ । (ତାନ, ଗାନ, ମାନ, ସ୍ବନ)



UNNATI EDUCATIONS
9899436384, 9654279279

11 ନିମ୍ନଲିଖିତ ଶବ୍ଦର ପଦ୍ୟ ରୂପ ଲେଖ (2 ଟିର) 2

ଜନ୍ମ, ପ୍ରାଚୀ, ସ୍ମରିଲେ, ପ୍ରାକୃତ

12 'ଅମ୍ବର' ଶବ୍ଦର 2ଟି ଅର୍ଥ ଲେଖ । 1

13 ନିମ୍ନୋକ୍ତ ଶବ୍ଦମାନଙ୍କର ବର୍ତ୍ତମାନ ପ୍ରଚଳିତ ରୂପ ଲେଖ : (2 ଟିର) 2

ଦଇବତ, ଯେହ୍ୱାଙ୍କର ପ୍ରତକ୍ଷେ

14 ନିମ୍ନ ଶବ୍ଦଟି କେଉଁ ପ୍ରକାର ପଦ 1

ପ୍ରାକୃତିକ (ବିଶେଷ୍ୟ, ବିଶେଷଣ)

15 ଶାରୀରିକ ପରି ଆଉ ଏକ ଶବ୍ଦ ଲେଖ । 1

16 କେବଳ ଠିକ୍ ଶବ୍ଦଟି ବାଛି ଶୂନ୍ୟସ୍ଥାନ ପୂରଣ କର । 1

କେବଳ ରାଜନୀତି ନୁହେଁ ____________ ତାଙ୍କ କାର୍ଯ୍ୟକ୍ରମର ଅଙ୍ଗୀଭୂତ ହେଲା ।

(ଚିକିତ୍ସା, ସମାଜସେବା, ରୋଗୀସେବା)

17 'ଗଣତନ୍ତ୍ର' ଶବ୍ଦଟି ନିମ୍ନଲିଖିତ କେଉଁ ଶବ୍ଦଟି ତୁଳନୀୟ 1

(କ) ଲୋକମାନଙ୍କ ଦ୍ୱାରା ଶାସନ

(ଖ) ରାଜାମାନଙ୍କ ଦ୍ୱାରା ଶାସନ

(ଗ) ଜମିଦାର ମାନଙ୍କ ଦ୍ୱାରା ଶାସନ


UNNATI EDUCATIONS
9899436384, 9654279279

18 "କ" ସ୍ତମ୍ଭରେ ଥିବା ଶବ୍ଦ ସହିତ "ଖ" ସ୍ତମ୍ଭରେ ଶବ୍ଦ ସହିତ ସଂପର୍କ ଦର୍ଶାଅ । (3 ଟିର) **3**

| **"କ" ସ୍ତମ୍ଭ** | **"ଖ" ସ୍ତମ୍ଭ** |
|---|---|
| କ୍ରୀଡ଼ା | ମାଟି |
| ଖରେ | ଯଶୋଦା |
| ତୁଣ୍ଡ | ଗୋପବାଳକ |
| ଛାମୁ | ବଳରାମ |
| ଶ୍ରୀକୃଷ୍ଣ | ମୁଠାଏ |
| | ଗୋପୀନାଥ |

19 ସଂକ୍ଷେପରେ ଉତ୍ତର ଦିଅ : (6 ଟିର) $1\frac{1}{2} \times 6 = 9$

(କ) କିଏ ଯଶୋଦାଙ୍କ ନିକଟକୁ ଅଭିଯୋଗ ଆଣିଲେ ?

(ଖ) 'ଛାଟ ଉଞ୍ଚାଇ ଦେଲେ ଗାଳି' - କାହିଁକି ?

(ଗ) ଖଦ୍ୟୋତ କେଉଁଥିରୁ ମୁକ୍ତି ଚାହିଁ ଥାଏ ?

(ଘ) 'ହବିଷ' ଶବ୍ଦଟିର ଅର୍ଥ କ'ଣ ?

(ଙ) କେଉଁ ମାନଙ୍କ ଉଦ୍ଦେଶ୍ୟରେ କବି 'ରଥୀ' ଶବ୍ଦଟି ବ୍ୟବହାର କରିଛନ୍ତି ?

(ଚ) ରମ୍ୟ ଉପବନ କାହାର ବସିବା ପାଇଁ ଉଦ୍ଦିଷ୍ଟ ?

(ଛ) କବି ନିଜକୁ ଦୁଃଖ ଗୁରୁଙ୍କର ପ୍ରଧାନଶିଷ୍ୟ ବୋଲି କାହିଁକି କହିଛନ୍ତି ?

20 ସଂକ୍ଷେପରେ ଯେକୌଣସି 3 ଟି ପ୍ରଶ୍ନର ଉତ୍ତର ଦିଅ : **3×3 = 9**

(କ) ରେବତୀକୁ ପାଠ ପଢାଇବା ପାଇଁ ବାପା ମା ରାଜି ହେଲେ, କିନ୍ତୁ ରେବତୀର ଏହି ପାଠପଢାକୁ ଜେଜୀ କାହିଁକି ମନା କରୁଥିଲେ ?



UNNATI EDUCATIONS
9899436384, 9654279279

(ଖ) ବନ୍ଦୀ ବିମ୍ବିସାର କାହିଁକି ପ୍ରେତଛାୟା ପରି ଦେଖାଯାଉଛନ୍ତି ?

(ଗ) ଦୁଇଟି ପୀଠ ହିସାବରେ ଲେଖକ କାହାକୁ ଉଲ୍ଲେଖ କରିଛନ୍ତି ?

(ଘ) ମସୁରୀର ଦୁଇଟି ବିଶେଷତ୍ୱ ଆଲୋଚନା କର ?

**21** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି 3 ଟି ପ୍ରଶ୍ନର ଉତ୍ତର ଦିଅ : **3×7 = 21**

(କ) ଭାରତର ନବ ନିର୍ମାଣ ଓ ବିକାଶ ପାଇଁ ଦୂର ସଞ୍ଚାର ଯୋଗାଯୋଗର କି ଅବଦାନ ଅଛି ?

(ଖ) ପ୍ରାଚୀନ ଓଡ଼ିଶାର ସୀମା ଓ ବିସ୍ତୃତି ସଂପର୍କରେ ଉଲ୍ଲେଖ କର ।

(ଗ) ପ୍ରିଣ୍ଟିଂ - ମିଡିଆକୁ ଗଣତନ୍ତ୍ରର ଶକ୍ତିଶାଳୀ ଅଂଶ କହିବାର କାରଣ ଦର୍ଶାଅ ।

(ଘ) ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟମାନଙ୍କ ଠାରୁ ଲକ୍ଷ୍ମଣଙ୍କ ଭୂମିକା କାହିଁକି ସ୍ୱତନ୍ତ୍ର ?

(ଙ) ମୂର୍ଖ ପଣ୍ଡିତ ସମସ୍ୟାର ସମାଧାନ କରିବାକୁ ଲେଖକ କି ପରାମର୍ଶ ଦେଇଛନ୍ତି ?

**22** ଯେକୌଣସି 2 ଟି ପ୍ରଶ୍ନର ଉତ୍ତର ଦିଅ : **6+6 = 12**

(କ) ସଂସାର ଓ ସଂସାରୀ ପ୍ରତି କବିଙ୍କର ଦୃଷ୍ଟିକୋଣ 'ଚିଲିକା' କବିତା ଅବଲମ୍ବନରେ ଆଲୋଚନା କର ।

(ଖ) "ମୋ ଜୀବନ ପଛେ ନର୍କେ ପଡ଼ିଥାଉ" କବିତାରେ ବିଶ୍ୱର କଲ୍ୟାଣ ଓ ମାନବବାଦୀର ବାଣୀ ପ୍ରତିଫଳିତ ।

(ଗ) 'ଉତ୍କଳ ଲକ୍ଷ୍ମୀ' କବିତା ଅବଲମ୍ବନରେ କବିଙ୍କର ପ୍ରକୃତ ପ୍ରେମର ପରିଚୟ ପ୍ରଦାନ କର ।



UNNATI EDUCATIONS
9899436384, 9654279279

23 ଯେକୌଣସି 1ଟିର ପ୍ରବନ୍ଧ ଲେଖ : (200 ଟି ଶବ୍ଦ ମଧ୍ୟରେ) 10

(କ) ବାୟୁ ପ୍ରଦୂଷଣ

(ଖ) ରଥ ଯାତ୍ରା

(ଗ) ଜାତୀୟ ସଂହତି

24 ପୁସ୍ତକ ମେଳାର ଅନୁଭୂତି ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ । 5

**କିମ୍ବା**

ତୁମେ ଛାତ୍ରାବାସରେ ରହିବା ନିମିତ୍ତ ଅଧ୍ୟକ୍ଷଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

25 ଓଡ଼ିଆରେ ଅନୁବାଦ କର : 2

(i) Keep to the left

(ii) Respect your parents



UNNATI EDUCATIONS
9899436384, 9654279279